# ପିଲାମାନଙ୍କ ପାଇଁ ବାଇବଲ
## ଉପହାର



## ଯୀଶୁଙ୍କ ନିମନ୍ତେ ଏକ ଭଯଂଙ୍କର ସମୟ

ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus

ଉପଯୋଜକ: M. Maillot; Sarah S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯେତେବେଳେ ଯୀଶୁଖ୍ରୀଷ୍ଟ
ବାପ୍ତିଷ୍ମ ନେଲେ, ପରମେଶ୍ୱର
କଥା କହିଲେ । ସେ କହିଲେ,
ଏହା ମୋହର ପ୍ରିୟ ପୁତ୍ର.
ଏହାଠାରେ ଆମ୍ଭର ପରମ
ସନ୍ତୋଷ । ପରମେଶ୍ୱରଙ୍କ
ଠାରୁ ପବିତ୍ରାତ୍ମା ଗୋଟିଏ
କାପ୍ତା ରୁପରେ ଯୀଶୁଙ୍କ
ଉପରେ ଅବତରଣ କଲା ।



ବାପ୍ତିଷ୍ମ ନେବାର କିଛି ସମୟ
ମଧ୍ୟରେ ପବିତ୍ରାତ୍ମା ଯୀଶୁଖ୍ରୀଷ୍ଟଙ୍କୁ
ମରୁଭୂମି ସ୍ଥାନକୁ ନେଇଗଲେ ।
ସେଠାରେ ଯୀଶୁ ଏକାକି ଥିଲେ ।



ଯୀଶୁ ସେଠାରେ ଚାଳିଶ ଦିନ ପର୍ଯ୍ୟନ୍ତ ଉପବାସ କଲେ । ତାହାର ଅର୍ଥ ସେ କିଛି ଖାଦ୍ୟ ଖାଇଲେ ନାହିଁ । ସେ ଅତ୍ୟଧିକ ଭୋକ ଅନୁଭବ କଲେ ।



ବାଇବଲ୍ କହେ ଯେ ସେଠାରେ ବନ୍ୟ ଜନ୍ତୁମାନେ ମଧ୍ୟ ଥିଲେ ।



ଶୟତାନ ଯୀଶୁଙ୍କୁ  ପରିକ୍ଷା କରିବା ନିମନ୍ତେ
ଆସିଲା । ବହୁ ପୂର୍ବରୁ, ସେ ଆଦମ ଓ ହବାଙ୍କୁ
ସେହି ଏଦନ ଉଦ୍ୟାନରେ ପରମେଶ୍ୱରଙ୍କୁ
ଅବାଧ୍ୟ ହେବା ନିମନ୍ତେ
ପରିକ୍ଷା କରିଥିଲା ।
ବର୍ତ୍ତମାନ୍ ଯୀଶୁ
ପରିକ୍ଷିତ
ହେବେ ।




ଶୟତାନ ସେହି
ପରମେଶ୍ୱରଙ୍କ ପୁତ୍ର ଯୀଶୁଙ୍କୁ
ମଧ୍ୟ ପରିକ୍ଷା କରିବାକୁ
ଚେଷ୍ଟା କରିବ ।


ତୁମେ ଯଦି ପରମେଶ୍ୱରଙ୍କ ପୁତ୍ର, ଶୟତାନ କହିଲା,
ଏହି ପଥରକୁ ରୋଟି ହେବାକୁ ଆଜ୍ଞା କର । ସେ
ଜାଣିଥିଲା ଯେ ଯୀଶୁଙ୍କୁ ଭୋକ ଲାଗୁଅଛି । ସେ ଏହା
ମଧ୍ୟ ଜାଣିଥିଲା ଯେ ପରମେଶ୍ୱରଙ୍କ ପୁତ୍ର ପଥରକୁ
ମଧ୍ୟ ରୋଟି କରିଦେଇ ପାରନ୍ତି ।
ଯୀଶୁ କି
ଶୟତାନର କଥା
ମାନିଲେ ?

ନୁହେଁ! ଯୀଶୁ ଶୟତାନର କଥା ମାନିଲେ ନାହିଁ । ବଦଳରେ ଯୀଶୁ ପରମେଶ୍ୱରଙ୍କ ବାକ୍ୟରେ ଶୟତାନକୁ ଉତ୍ତର ଦେଲେ । ମନୁଷ୍ୟ କେବଳ ରୋଟିରେ ବଞ୍ଚିବ ନାହିଁ, ମାତ୍ର ଇଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟକ ବାକ୍ୟରୁ ବଞ୍ଚିବ ।



ଶୟତାନ ଯୀଶୁଙ୍କୁ ବଡ଼ ସହର ଯିରୂଶାଲମକୁ ନେଇଗଲା, ସେହି ପବିତ୍ର ମନ୍ଦିରକୁ ଯେଉଁଠାରେ କି ଲୋକମାନେ ପରମେଶ୍ୱରଙ୍କର ଉପାସନା କରୁଥିଲେ । ଏହାପରେ ଶୟତାନ କଅଣ କରିପାରେ?



ଯଦି ତୁମେ ପରମେଶ୍ୱରଙ୍କ ପୁତ୍ର ତେବେ ନିଜକୁ
ତଳକୁ ଫିଙ୍ଗି ପକାଅ, ଶୟତାନ ଯୀଶୁଙ୍କୁ କହିଲା ।
ତାଙ୍କର ବାକ୍ୟ କହେ ସେ ତାଙ୍କ ଦୂତ ମାନଙ୍କ
ଦ୍ୱାରା ତୁମକୁ ରକ୍ଷା କରିବେ ।



କଦାପି ନୁହେଁ! ଯୀଶୁ ତହାଙ୍କୁ କହିଲେ । ଏହା ମଧ୍ୟ ବାକ୍ୟରେ
ଲେଖାଯାଏ ... ଯେ ତୁମ୍ଭେ ଆପଣା ପରମେଶ୍ୱରଙ୍କୁ
କେବହେଁ ପରିକ୍ଷା କରିବ ନାହିଁ ।





ଶୟତାନ ପୁନର୍ବାର ଚେଷ୍ଟା କଲା, ସେ
ଯୀଶୁଙ୍କୁ ସହରର ବାହାରେ ପର୍ବତର
ଏକ ଉଚ୍ଚ ସ୍ଥାନକୁ ନେଇଗଲା ।

ସେଠାରୁ ସେ ଜଗତର ସମସ୍ତ ଦେଶ ଓ ସୌନ୍ଦର୍ଯ୍ୟକୁ ଦେଖାଇଲା, ଶୟତାନ କହିଲା, ମୁ ଏହି ସମସ୍ତ ତୁମ୍ଭକୁ ଦାନ କରିବି, ଯଦି ତୁମ୍ଭେ ମୋତେ କେବଳ ପ୍ରଣାମ କରିବ ।



ଦୂରହୁଅ ଶୟତାନ୍, ଯୀଶୁ ତାହାଙ୍କୁ ଆଜ୍ଞା ଦେଲେ । ଏହା ଲେଖାଯାଏ ତୁମ୍ଭେ ଆପଣା ପରମେଶ୍ୱରଙ୍କୁ ପ୍ରଣାମ କରିବ ଓ ତାହାଙ୍କର ଆରାଧନା କରିବ ।



କିଛି ସମୟ ନିମନ୍ତେ ଶୟତାନ ଯୀଶୁଙ୍କୁ ପରିତ୍ୟାଗ କରି ଚାଲିଗଲା । ତାହାପରେ କିଛି ଅଦ୍ଭୁତ କର୍ମ ଦେଖାଗଲା । ପରମେଶ୍ୱର ଯୀଶୁଙ୍କୁ ସାନ୍ତ୍ୱନା ଓ ସେବା କରିବା ନିମନ୍ତେ ନିଜର ଦୂତମାନଙ୍କୁ ପ୍ରେରଣ କଲେ । ଯେ କି ଶୟତାନର ଆଜ୍ଞାକୁ ପାଳନ କଲେ ନାହିଁ ।



ଯୀଶୁଙ୍କ ନିମନ୍ତେ ଏକ ଭୟଙ୍କର ସମୟ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ମାଥିଉ ୪, ଲୂକ ୪

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ୍ୟ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ
ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ,
କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ
ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ
କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ
ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ ।
ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ ।
ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ
ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯ୍ୟନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬